## ସଂକ୍ଷେପରେ

### ବିଜ୍ଞାନ ମେଳା ବୁଲି ଦେଖିଲେ ବିଧାୟକ

ଆଠମଲ୍ଲିକ, ୨୮।୮ (ଡି.ଏନ.ଏ.): ଆଠମଲ୍ଲିକ ଶିଶୁମନ୍ଦିରରେ ବୁଧବାର ସଙ୍କୁଳସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ରମାନଙ୍କ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ପରେ ବିଧାୟକ ବିଜୁ ଯୁବ ବାହିନୀ ସମ୍ମିଳନୀ, ସ୍ଥାନୀୟ ମାନଜୋର ଛକ ସ୍ଥିତ ସଭାଘରେ ବିଜେଡି କର୍ମୀ ସମ୍ମିଳନୀ, ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗାନ୍ଧୀଙ୍କ ଜୟନ୍ତୀ ପାଳନ ସମ୍ପର୍କରେ ବିଧାୟକ ଆଲୋଚନା କରିଥିଲେ।

### ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ

ବଇଣ୍ଡା,୨୮।୮(ଡି.ଏନ.ଏ.): ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତବିଭାଗ ରାସ୍ତାର ହଣ୍ଡପା ଥାନା କରଡାବଣିଠାରେ ବୁଧବାର ପୋଲିସ ପକ୍ଷରୁ ଗାଡି ମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡିଗୁଡିକୁ ଅଟକାଇ ହେଲମେଟ, ଡ୍ରାଇଭିଂ ଲାଇସେନ୍ସ, ଗାଡ଼ି କାଗଜପତ୍ର ଯାଞ୍ଚ କରାଯାଇଥିଲା। ଏଥିରେ ୨୦ଟି ମାମଲା ରୁଜୁ କରାଯାଇ ୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ହଣ୍ଡପା ଥାନା ସେକେଣ୍ଡ ଅଫିସର ସରୋଜ କୁମାର ଦାସ ଓ ବଇଣ୍ଡା ଫାଣ୍ଡି ଅଧିକାରୀ ଆର୍ ବିଶ୍ୱାଳଙ୍କ ନେତୃତ୍ୱରେ ଯାଞ୍ଚ ହୋଇଥିଲା।

### 'ଆମ ଗାଁ ଆମ ବିକାଶ'କୁ ନେଇ ବିଡିଓଙ୍କୁ ଘେରିଲେ

ଚମ୍ପୁଆ,୨୮।୮(ଡି.ଏନ.ଏ): ଚମ୍ପୁଆ ବ୍ଲକ ସଭାଗୃହଠାରେ ଚତୁର୍ଥ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ରମଣୀ ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତ, ପାଟଣା ବିଧାୟକ ଜଗନ୍ନାଥ ନାଏକ, ଚମ୍ପୁଆ ବିଡିଓ ନୁପୁର ଚନ୍ଦ ଗୋଟିଆ ପ୍ରମୁଖ ଉପସ୍ଥିତ ଥିଲେ। ନୁପୁର ଗୋଟିଆ ବୈଠକ ଆରମ୍ଭରେ ଚମ୍ପୁଆ ବ୍ଲକର ଉନ୍ନତି ସମ୍ବନ୍ଧରେ ସୂଚନା ଦେବାପରେ ଉପସ୍ଥିତ ପଞ୍ଚାୟତ ସଭ୍ୟାସଭ୍ୟମାନେ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମରେ ସଭ୍ୟାସଭ୍ୟଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରି ହୋ ହାଲ୍ଲା କରିବା ସହିତ ଏହାର ସମାଧାନ ନ ହେବା ପର୍ଯ୍ୟନ୍ତ ବୈଠକ ଆରମ୍ଭ ହେବନି ବୋଲି ଦାବି କରିଥିଲେ। ଗାଇଡ ଲାଇନ ଅନୁଯାୟୀ କାର୍ଯ୍ୟ କରାଯାଉଥିବା ବିଡିଓ କହିଥିଲେ। ତାଙ୍କ ଉତ୍ତରରେ ଅସନ୍ତୁଷ୍ଟ ସଭ୍ୟାମାନେ କିଛି ସମୟ ଧରି ସଭା ସ୍ଥଳରେ ଧାରଣାରେ ବସିଥିଲେ। ପରେ ବିଧାୟିକାଙ୍କ ଦ୍ୱାରା ବୁଝାଶୁଝା ପରେ ବୈଠକ ଆରମ୍ଭ ହୋଇଥିଲା। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମରେ ମିଳିତ ଭାବେ ସଭ୍ୟାସଭ୍ୟଙ୍କୁ ନେଇ ବୈଠକ କରାଯିବ ବୋଲି ପ୍ରତିଶ୍ରୁତି ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ■ ଜିଲା ଶିକ୍ଷା ବ୍ୟବସ୍ଥାରେ ସୁଧାର ପ୍ରୟାସ

# ଡିଏମ୍‌ଏଫ୍ ପାଣ୍ଠିରେ ୮୨ ଶିକ୍ଷକ ନିଯୁକ୍ତି

ଅନୁଗୋଳ ଅଫିସ, ୨୮।୮

■ଖଣି ପ୍ରଭାବିତ ୪୩ ସ୍କୁଲରେ ପଢ଼ାଇବେ ପାଠ
■ବର୍ଷକ ପାଇଁ କରାଯାଇଛି ଚୁକ୍ତି
■ମାସିକ ଦରମା ୧୦ ହଜାର

ଅନୁଗୋଳ ଜିଲାର ଖଣି ପ୍ରଭାବିତ ଅଞ୍ଚଳରେ ଥିବା ୪୩ ସ୍କୁଲରେ ବୁଧବାର ୮୨ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚୁକ୍ତି ଭିତ୍ତିରେ ଏହି ନିଯୁକ୍ତି ପ୍ରଦାନ କରାଯାଇଥିବା ଚିଠି ନଂ. ୭୫୯୫/୧୯ରେ ସ୍ପଷ୍ଟ କରାଯାଇଛି। ନିଯୁକ୍ତି ପାଇଥିବା ସମ୍ପୃକ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏକ ବର୍ଷ ପାଇଁ ଶିକ୍ଷାଦାନ କରିବେ ବୋଲି ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ସୂଚନା ଦେଇଛନ୍ତି। ଏହି ଏକ ବର୍ଷ ମଧ୍ୟରେ ୧୦ ମାସ କାର୍ଯ୍ୟ ଦିବସ ରହିଥିବା ଚିଠିରେ ଦର୍ଶାଯାଇଛି। ମାସକୁ ୨୦ ଦିନ କାର୍ଯ୍ୟ ହିସାବରେ ୧୦ ହଜାର ଟଙ୍କା ପାରିଶ୍ରମିକ ରଖାଯାଇଛି। ଦରମା ବାବଦରେ ଖର୍ଚ୍ଚ ହେବାକୁ ଥିବା ସମସ୍ତ ଅର୍ଥ ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍)ରୁ ପ୍ରଦାନ କରାଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ବେହେରା ପ୍ରକାଶ କରିଛନ୍ତି।

ଶିକ୍ଷା ବିଭାଗ ପକ୍ଷରୁ ନିଆଯାଇଥିବା ଏହି ପଦକ୍ଷେପ ଯୋଗୁ ଜିଲାରେ ଖାଲି ପଡ଼ିଥିବା ବହୁ ଶିକ୍ଷକ ପଦବୀ ପୂରଣ ହୋଇପାରିବ। ନବ ନିଯୁକ୍ତ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ସ୍କୁଲରେ ଗଣିତ, ବିଜ୍ଞାନ, ସାହିତ୍ୟ, ଇଂଲିଶ, ଇତିହାସ ଓ ଭୂଗୋଳ ପାଠ୍ୟକ୍ରମ ପଢ଼ାଇବେ। ମାସକୁ ୨୦ ଦିନ କାର୍ଯ୍ୟ କଲେ ଦିନକୁ ୫ଶହ ଟଙ୍କା ହିସାବରେ ୧୦ ହଜାର ଟଙ୍କା ପାରିଶ୍ରମିକ ଆକାରରେ ପାଇବେ ବୋଲି ସେମାନଙ୍କ ସହ ଚୁକ୍ତି କରାଯାଇଛି। ଏହି ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଜିଲାର କୋଶଳା ଉଚ୍ଚ ବିଦ୍ୟାଳୟ, ପତିତପାବନ ଉଚ୍ଚ ବିଦ୍ୟାଳୟ ଜରପଡ଼ା, ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ବାଲିପଟା, ବ୍ରହ୍ମବିଲ ଉଚ୍ଚ ବିଦ୍ୟାଳୟ, ଶିମିଳିପାଳ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ସାପୁଇନାଳି, ପଦପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟ, କମ୍ପାସଲା ନୋଡାଲ ଉଚ୍ଚ ବିଦ୍ୟାଳୟ, ପତାକାମୁଣ୍ଡା ନୋଡାଲ ଉଚ୍ଚ ବିଦ୍ୟାଳୟ, ରାଇଝରଣ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କଙ୍କରାଇ, କନାଳୀ ଉଚ୍ଚ ବିଦ୍ୟାଳୟ, ବାହାଳାସାହି ୟୁପି-ଗ୍ରେଡେଡ୍ ଉଚ୍ଚ ବିଦ୍ୟାଳୟ, ବରପଦା ୟୁପି-ଗ୍ରେଡେଡ୍ ଉଚ୍ଚ ବିଦ୍ୟାଳୟ, ଓଗି ୟୁପି-ଗ୍ରେଡେଡ ଉଚ୍ଚ ବିଦ୍ୟାଳୟ, ନିଶା ନୋଡାଲ ୟୁପି-ଗ୍ରେଡେଡ୍ ଉଚ୍ଚ ବିଦ୍ୟାଳୟ, ଜରାଙ୍ଗ ଦେହୁରୀସାହି ୟୁପି-ଗ୍ରେଡେଡ ଉଚ୍ଚ ବିଦ୍ୟାଳୟ, ଦୁର୍ଗାପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ସନ୍ତରାବନ୍ଧ ଉଚ୍ଚ ବିଦ୍ୟାଳୟ, କରଡ଼ା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ରାଧାମାଧବ ଉଚ୍ଚ ବିଦ୍ୟାଳୟ ବସନ୍ତପୁର, ଏନ୍.କେ.ଭି.ପି ସାଉଥ୍ ବଲଣ୍ଡା, ଦେଉଳବେଡା କୋଲିୟରୀ ନୋଡାଲ ଉଚ୍ଚ ବିଦ୍ୟାଳୟ, ଗୁରୁଜାଙ୍ଗ ଉଚ୍ଚ ବିଦ୍ୟାଳୟ, ଗୋପାଳପ୍ରସାଦ ନୋଡାଲ ଉଚ୍ଚ ବିଦ୍ୟାଳୟ, ଉଆଁରା ଉଚ୍ଚ ବିଦ୍ୟାଳୟ, ଶ୍ରୀ ଜଗନ୍ନାଥପୁର ନୋଡାଲ ଉଚ୍ଚ ବିଦ୍ୟାଳୟ, ଶ୍ରୀ ଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ଲଙ୍ଗିଯୋଡ଼ି, ସନ୍ଥପଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟ, କୁମୁଣ୍ଡ ଉଚ୍ଚ ବିଦ୍ୟାଳୟ, ବ୍ରଜେଶ୍ୱର ଉଚ୍ଚ ବିଦ୍ୟାଳୟ ବ୍ରଜନାଥପୁର, ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ କୁକୁଡ଼ାଇ, ବଡ଼ତ୍ରିବିଡ଼ା ନୋଡାଲ ଉଚ୍ଚ ବିଦ୍ୟାଳୟ, ସରକାରୀ ୟୁପି-ଗ୍ରେଡେଡ୍ ଉଚ୍ଚ ବିଦ୍ୟାଳୟ ବାରିହାପୁର, ହରିହରପୁର ୟୁପି-ଗ୍ରେଡେଡ୍ ଉଚ୍ଚ ବିଦ୍ୟାଳୟ, ରିଜିଓନାଲ ଉଚ୍ଚ ବିଦ୍ୟାଳୟ ଗନ୍ଧବେରଣା, କୋଲିୟରୀ ଉଚ୍ଚ ବିଦ୍ୟାଳୟ ଡେରା, ବନେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଡେରେଙ୍ଗ, ସନ୍ତ୍ରୀବିଡ଼ା ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ତାଳଚେର, ପି.ଏମ୍. ଉଚ୍ଚ ବିଦ୍ୟାଳୟ କଣିହାଁ, ବାଗେଡ଼ିଆ ଉଚ୍ଚ ବିଦ୍ୟାଳୟ, ରାଇଝରଣ ଉଚ୍ଚ ବିଦ୍ୟାଳୟ, କୁକୁଡୁଲ ଉଚ୍ଚ ବିଦ୍ୟାଳୟ, ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ବଡ଼ଗୁଣ୍ଡୁରୀରେ ଚୁକ୍ତି ଭିତ୍ତିରେ ନିଯୁକ୍ତି କରାଯାଇଛି।

## ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାଛଚାଷ ତାଲିମ



ଶିବିରରେ ମଞ୍ଚାସୀନ ଅତିଥିମାନେ।

ଛେଣ୍ଡିପଦା,୨୮।୮(ସ୍ୱ.ପ୍ର.)

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମାଛ ଚାଷ ସମ୍ପର୍କରେ ତାଲିମ ପାଇଁ ଛେଣ୍ଡିପଦା ରାଜୀବ ଗାନ୍ଧୀ ସେବାକେନ୍ଦ୍ରଠାରେ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଉପ ମତ୍ସ୍ୟ ଜୋନ ନିର୍ଦ୍ଦେଶକ ଶାନ୍ତନୁ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ ଯୋଗ ଦେଇ ଉପସ୍ଥିତ ମହିଳାଙ୍କୁ ମାଛ ଚାଷ ସମ୍ବନ୍ଧରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଏଥିରେ ୧୨ଟି ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଭ୍ୟା ଓ ୬ଟି ପ୍ରାଣୀ ମିତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ଜିଲା ମତ୍ସ୍ୟ ଅଧିକାରୀ ଦେବଗଡ ନରୋତ୍ତମ ନାୟକ, ଅତିରିକ୍ତ ମତ୍ସ୍ୟ ଅଧିକାରୀ ଅନୁଗୋଳର ବିଶ୍ୱଜିତ ଦାସ, ୱାର୍ଲଡ ଫିସ୍‌ର ନୋଡାଲ ମ୍ୟାନେଜର ରେଶମା ନାୟକ, ମିଶନ ଶକ୍ତିର ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟର ଚିତ୍ତରଞ୍ଜନ ସାହୁ, ଓଡ଼ିଶା ଜୀବିକା ମିଶନ ଛେଣ୍ଡିପଦାର ପରିଚାଳିକା ମାନସୀ ରାଉତ, ବ୍ଲକ ସ୍ତରୀୟ ପ୍ରୋଜେକ୍ଟ ମ୍ୟାନେଜର ସଞ୍ଜୟ ସାହୁ, ସହକାରୀ ମତ୍ସ୍ୟ ଅଧିକାରୀ ଲୋପାମୁଦ୍ରା ବେହେରା ପ୍ରମୁଖ ଉପସ୍ଥିତ ରହି ବୈଜ୍ଞାନିକ ପଦ୍ଧତିରେ ମତ୍ସ୍ୟ ଚାଷ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଛେଣ୍ଡିପଦା ସହକାରୀ ମତ୍ସ୍ୟ ଅଧିକାରୀ ପ୍ରହଲାଦ ସେଠୀ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

## ସ୍କୁଲ ପୁନଃ କାର୍ଯ୍ୟକ୍ଷମ ଦାବିରେ ଧାରଣା



ତାଳଚେର,୨୮।୮(ନି.ପ୍ର.)

ତାଳଚେର ବ୍ଲକ କର୍ଣ୍ଣିକି ପଞ୍ଚାୟତ ସଇନାଳି ସ୍କୁଲକୁ ପୁନଃ କାର୍ଯ୍ୟକ୍ଷମ କରିବା ଦାବିରେ ବୁଧବାର ଅଭିଭାବକ ଓ ଛାତ୍ରୀଛାତ୍ରମାନେ ତାଳଚେର ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ଅଭିଯୋଗ ମୁତାବକ, ଏହି ସ୍କୁଲକୁ ନିକଟସ୍ଥ ପ୍ରୋଜେକ୍ଟ ସ୍କୁଲରେ ମିଶାଇ ଦିଆଯାଇଛି। ବିଦ୍ୟାଳୟରେ ୧୫ ଜଣ ଛାତ୍ରୀଛାତ୍ର ଥିବାବେଳେ ଗତ ୧୯ ତାରିଖରୁ ସେଠାକୁ ଶିକ୍ଷକ ଆସୁନାହାନ୍ତି। ଫଳରେ ଶିକ୍ଷାଦାନରୁ ପିଲାମାନେ ବଞ୍ଚିତ ହେଉଛନ୍ତି। ଅନ୍ୟପକ୍ଷରେ ପ୍ରୋଜେକ୍ଟ ସ୍କୁଲ ଗ୍ରାମରୁ ପ୍ରାୟ ୧.୩ କିମି ହେଉଥିବାରୁ ପିଲାମାନେ ଚାଲିଚାଲି ଯିବା ସହଜ ନୁହେଁ ବୋଲି ଅଭିଭାବକମାନେ ପ୍ରକାଶ କରିଛନ୍ତି। ତୁରନ୍ତ ସଇନାଳୀ ସ୍କୁଲକୁ ପୁନଃକାର୍ଯ୍ୟକ୍ଷମ କରିବାକୁ ସୁଭଦ୍ରା ବେହେରା, ବସୁମତୀ ବେହେରା, ଆର୍ତ୍ତତ୍ରାଣ ସାହୁ, ରଞ୍ଜନ ପ୍ରଧାନ, ସୁଶାନ୍ତ ପ୍ରଧାନ, ଚୁନି ସାହୁ ଓ ଅନ୍ୟମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଇଓ ସୁନୀଲ ମୁଣ୍ଡା କହିଛନ୍ତି, ସରକାରଙ୍କ ନିୟମ ଅନୁସାରେ ଏହି ସ୍କୁଲକୁ ନିକଟସ୍ଥ ଅନ୍ୟ ସ୍କୁଲ ସହିତ ମିଶ୍ରଣ କରାଯାଇଛି । ପିଲାମାନେ ଯିବାଆସିବା ପାଇଁ ସରକାର ବର୍ଷକୁ ୬ ହଜାର ଟଙ୍କା ଦେବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ହେଲେ ଅଭିଭାବକମାନେ ସେମାନଙ୍କ ଜିଦ୍‌ରେ ଅଟଳ ରହିଛନ୍ତି ବୋଲି ସେ କହିଛନ୍ତି।

## ଅବକାରୀ ସ୍କ୍ୱାଡର ବିଭିନ୍ନ ସ୍ଥାନରେ ଚଢ଼ାଉ, ୩ ଗିରଫ

କେନ୍ଦୁଝର, ୨୮।୮(ଡି.ଏନ.ଏ.)- କେନ୍ଦୁଝର ଅବକାରୀ ସ୍କ୍ୱାଡ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୫କେଜି ଗଞ୍ଜେଇ ଓ ବିଦେଶୀ ମଦ ଜବତ କରାଯିବା ସହ ଏହି କାରବାରରେ ଜଡିତ ୩ଜଣଙ୍କୁ ଗିରଫ କରାଯାଇଛି। ମିଳିଥିବା ଖବର ଅନୁସାରେ, ବୁଧବାର ପୂର୍ବାହ୍ନରେ କେନ୍ଦୁଝର ଅବକାରୀ ସ୍କ୍ୱାଡ ଶଙ୍କରପୁରର ଲକ୍ଷ୍ମଣ ମହାନ୍ତଙ୍କ ଘରେ ଚଢ଼ାଉ କରି ତାଙ୍କ ଘରୁ ୨କେଜି ୬ଶହ ଗ୍ରାମର ଗଞ୍ଜେଇ ଜବତ କରିଛି। ସେହିପରି କମାରଗୋଡାର କଣ୍ଠରାମ ସାହୁ(୬୫)ଙ୍କ ଘରୁ ୩କେଜି ୧ଶହ ଗ୍ରାମର ଗଞ୍ଜେଇ ଜବତ କରିଥିବା ଜଣାପଡିଛି। ଅପରପକ୍ଷରେ ଧୋବାଡିହାର ମୁନା ମାଝୀଙ୍କ ଘରୁ ବିଦେଶୀ ମଦ ଜବତ କରାଯାଇଛି। ଏସମ୍ପର୍କରେ ଅବକାରୀ ବିଭାଗ ତିନୋଟି ମାମଲା ରୁଜୁ କରି ସମ୍ପୃକ୍ତ ୩ଜଣଙ୍କୁ କୋର୍ଟ ଚାଲାଣ କରିଛି।

## ମିଳୁନି ପ୍ରଧାନମନ୍ତ୍ରୀ ଫସଲ ବୀମା ଅର୍ଥ

କଣିହାଁ, ୨୮।୮(ଡି.ଏନ.ଏ.)

**ରାସ୍ତାରୋକୋ ଆନ୍ଦୋଳନ ଚେତାବନୀ**

କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତର ଚାଷୀଙ୍କୁ ମିଳୁନି ପ୍ରଧାନମନ୍ତ୍ରୀ ଫସଲ ବୀମା ଅର୍ଥ। ବାରମ୍ବାର ଦାବି ସତ୍ତ୍ୱେ ୨୦୧୭-୧୮ର ଫସଲବୀମା ଟଙ୍କା ଏ ପର୍ଯ୍ୟନ୍ତ ଦିଆଯାଉ ନ ଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ନେଇ ପଞ୍ଚାୟତର କୃଷକ କ୍ରିୟାନୁଷ୍ଠାନ କମିଟି ତରଫରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

କମିଟି ସଭାପତି ଜଗଜୀବନ ପ୍ରଧାନ, ଉପସଭାପତି ଅନ୍ତର୍ଯ୍ୟାମୀ ମହାରଣା, ସମ୍ପାଦକ ହୃଦୟଚନ୍ଦ୍ର ପ୍ରଧାନ, ସହସମ୍ପାଦକ ପ୍ରଶାନ୍ତ ମହାନ୍ତି ଓ କୋଷାଧକ୍ଷ କଳାକାର ପ୍ରଧାନ ପ୍ରମୁଖ କହିଛନ୍ତି, ଜିଲା କୃଷି ଅଧିକାରୀ, ପରିସଂଖ୍ୟାନ ବିଭାଗ ସହ ବୀମା ଅଧିକାରୀଙ୍କ ଅବହେଳା ଯୋଗୁ ୨୦୧୭-୧୮ ବର୍ଷରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଚାଷୀଙ୍କୁ ମିଳିପାରିନାହିଁ। ବହୁବାର ଅନୁଗୋଳରେ ଥିବା ବିଭିନ୍ନ ଅଫିସକୁ ଯାଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେବଳ ପ୍ରତିଶ୍ରୁତି ମିଳୁଛି। ତୁରନ୍ତ ଫସଲ ବୀମା ପ୍ରଦାନ ସହ ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ କମିଟି ଦାବି କରିଛି। ଏ ନେଇ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରାଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ସେପ୍ଟେମ୍ବର ୨ରେ ୧୪୯ ନମ୍ବର ରାଜପଥ ଅବରୋଧ କରାଯିବାକୁ ଚେତାବନୀ ଦିଆଯାଇଛି। ତହସିଲଦାର ଅଂଶୁମାନ ଶତପଥୀ କହିଛନ୍ତି, ଅସୁବିଧା ସମ୍ପର୍କରେ ଅବଗତ ଅଛୁ। ବୀମା ପ୍ରଦାନ କରିବାକୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଛି।

## ସୁଧା ସର୍ଜନା ମହୋତ୍ସବ ପାଇଁ କର୍ମୀ ସମ୍ମିଳନୀ

ଅନୁଗୋଳ ଅଫିସ, ୨୮।୮

ରାଜ୍ୟସ୍ତରୀୟ ସୁଧା ସର୍ଜନା ମହୋତ୍ସବ ନଭେମ୍ବର ୧୭ରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏଥିପାଇଁ ସ୍ଥାନୀୟ ସତ୍‌ସଙ୍ଗ ବିହାର ପରିସରରେ ଜିଲାସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ହୃଷୀକେଶ ସେନାପତି ଏଥିରେ ସଭାପତିତ୍ୱ କରିଥିଲେ। ଏହି ମହୋତ୍ସବକୁ କିଭଳି ସରସ ସୁନ୍ଦର କରାଯାଇପାରିବ ସେଥିପାଇଁ ସେନାପତି ଆହ୍ୱାନ ଦେଇଥିଲେ। ଭୁବନେଶ୍ୱର ସତ୍‌ସଙ୍ଗ ବିହାରରୁ ଆସିଥିବା ଅଭୟ ପରିଡ଼ା, ଉମାକାନ୍ତ ସାହୁ, ଭାଗ୍ୟଧର ଜଗଦେବ, ସ୍ୱାଇଁ ନୃସିଂହ ଶ୍ରୀଚରଣ ଯୋଗଦେଇ ମହୋତ୍ସବର ଆୟୋଜନ ଓ ପରିଚାଳନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ବିଭିନ୍ନ ବ୍ଲକର କର୍ମୀମାନଙ୍କୁ ନେଇ କମିଟି ଗଠନ କରାଯାଇଛି। ଜିଲାସ୍ତରୀୟ ସଂଯୋଜକ ଭାବେ ପୀତାମ୍ବର ସାମଲ, ତାରାକାନ୍ତ ବେହେରା, ଅଶୋକ ଗଡ଼ନାୟକ, ମାଧବ ଚନ୍ଦ୍ର ସାହୁ, ପ୍ରଶାନ୍ତ ମିଶ୍ର, ବିଜୟ ଚୌଧୁରୀଙ୍କୁ ମନୋନୀତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଅଚ୍ୟୁତାନନ୍ଦ ବାରିହା, ସୁରେଶ ତ୍ରିପାଠୀ, ବିନୋଦ ବିହାରୀ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିବାବେଳେ ଜିଲାର ବିଭିନ୍ନ ବ୍ଲକସ୍ତରୀୟ କର୍ମୀ, ଗୁରୁଭାଇ ଯୋଗଦାନ ଦେଇଥିଲେ।

## ରେଲ୍‌ୱେ ପରୀକ୍ଷା ବାତିଲ: ଉତ୍ତେଜନା

ସଜନାଗଡ଼,୨୮।୮(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରିର ରାଜା କିଶୋର ଚନ୍ଦ୍ର ଏକାଡେମୀ ଅଫ୍ ଟେକ୍ନୋଲୋଜି (ଆର୍‌କେସିଏଟ୍) କଲେଜ୍ ପରିସରରେ ବୁଧବାର ପୂର୍ବାହ୍ନରେ ରେଲ୍‌ୱେ ରିକ୍ରୁଟ୍‌ମେଣ୍ଟ ବୋର୍ଡ, କଲିକତା ପକ୍ଷରୁ ଅନଲାଇନ୍ ପରୀକ୍ଷା ହେବାର ଥିଲା। ବିଭିନ୍ନ ରାଜ୍ୟରୁ ପରୀକ୍ଷାର୍ଥୀମାନେ ଆସି ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। ମାତ୍ର ସର୍ଭର ଖରାପ ହେବାରୁ ସେଠାରେ ପରୀକ୍ଷା ହୋଇପାରି ନ ଥିଲା। ଏ ନେଇ ପରୀକ୍ଷା କେନ୍ଦ୍ରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଯାତ୍ରୀଭଡ଼ା ଫେରସ୍ତ ଦେବା ଏବଂ ନିଜ ନିଜ ରାଜ୍ୟରେ ପରୀକ୍ଷା କେନ୍ଦ୍ର ଖୋଲିବା ଦାବି କରି ପରୀକ୍ଷାର୍ଥୀମାନେ ବିକ୍ଷୋଭ କରିଥିଲେ। କର୍ତ୍ତୃପକ୍ଷ ବୁଝାଶୁଝା କରି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା।

## ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ତାଳଚେର,୨୮।୮(ନି.ପ୍ର.)




ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଇତିହାସ ବିଭାଗ ପକ୍ଷରୁ ବୁଧବାର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବିଭାଗୀୟ ମୁଖ୍ୟ ଡ. ନିମାଇଁଚରଣ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଲେଜ ଅଧକ୍ଷ ଦିଲୀପ ପ୍ରଧାନ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଅଶୋକ ଶର୍ମା, ତ୍ରିପୁରାରୀ ନାଥ, ବିରଞ୍ଚି ସାମଲ, ବିକାଶ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଶୃଙ୍ଖଳିତ ଓ ପରିଶ୍ରମୀ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମାବତୀ ପାଶୱାନ, ରାଜୋ ବେହେରା, ଶାନ୍ତିଲତା ନାହାକ ପ୍ରମୁଖ ଉପସ୍ଥିତ ଥିଲେ। ଅଧାପିକା ପ୍ରତିଲତା ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ବଜ୍ରକୋଟରେ ଆମ ପୋଲିସ ବୈଠକ

କଣିହାଁ, ୨୮।୮(ଡି.ଏନ.ଏ.)

କଣିହାଁ ବ୍ଲକ ରେଙ୍ଗାଲି ଡ୍ୟାମ ସାଇଟ ଥାନା ପକ୍ଷରୁ ବୁଧବାର ବଜ୍ରକୋଟ ପଞ୍ଚାୟତ କାର୍ଯ୍ୟାଳୟରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ସରୋଜକାନ୍ତ ସାମଲଙ୍କ ଅଧକ୍ଷତାରେ ଏହି ବୈଠକରେ ସରପଞ୍ଚ ରୋଜାଲିନ ସାହୁ, ସମିତି ସଭ୍ୟା ସଞ୍ଜୁଲତା ସାହୁ ଅତିଥି ଭାବେ ଯୋଗ ଦେଇ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ଉପରେ ଗୁରୁତ୍ୱ ଦେଇଥିଲେ। ଏଥିସହ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରହିବା ଉପରେ ଆଲୋଚନା କରାଯାଇଥିଲା।




ବୈଠକରେ ଉପସ୍ଥିତ ପୋଲିସ ଓ ସମିତିର ସଦସ୍ୟମାନେ।

## ■ ତାଳଚେର ଗଣେଶ ପୂଜା ପ୍ରସ୍ତୁତିର ଚୂଡାନ୍ତ ବୈଠକ

# ପୂଜା ପୂର୍ବରୁ କାମ ସାରିବାକୁ ନିର୍ଦ୍ଦେଶ

ତାଳଚେର, ୨୮।୮(ନି.ପ୍ର.)



■ଚଳିତ ବର୍ଷ ୬୦ରୁ ଊର୍ଦ୍ଧ୍ୱ ମଣ୍ଡପ
■ଡିଜେ ସାଉଣ୍ଡ ନିଷେଧ ପାଇଁ ନିଷ୍ପତ୍ତି
■ଲୁଟ ରୋକିବାକୁ ଲାଗିବ ସିସିଟିଭି
■ଭସାଣି ଦିନ ବନ୍ଦ ରହିବ ମଦ ଦୋକାନ

ତାଳଚେରର ପ୍ରସିଦ୍ଧ ଗଣେଶ ପୂଜା ପାଳନ ଓ ଭସାଣି ନିମନ୍ତେ ବୁଧବାର ଅପରାହ୍ନରେ ସ୍ଥାନୀୟ ମଙ୍ଗଳମ କ୍ଲବଠାରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତାଳଚେର ଉପଜିଲାପାଳ ତଥା କେନ୍ଦ୍ରୀୟ ଗଣେଶ ପୂଜା କମିଟିର ସଭାପତି ପରେଶ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଭାଇଚାରା ଏବଂ କଳା ସଂସ୍କୃତିର ସହର ତାଳଚେର ଏ ବର୍ଷ ମଧ୍ୟ ପୂର୍ବ ଗୌରବକୁ ଅକ୍ଷୁଣ୍ଣ ରଖି ଶାନ୍ତି ଶୃଙ୍ଖଳାର ସହିତ ଉତ୍ସବ ପାଳନ କରିବ। ପୂଜା ଆରମ୍ଭ ପୂର୍ବରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ ଆନୁଷଙ୍ଗିକ କାମ ଯଥା ରାସ୍ତା ମରାମତି, ଆଲୋକୀକରଣ, ପାନୀୟ ଜଳ ଯୋଗାଣ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଆଦି ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏ ବର୍ଷ ୬୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ଗଜାନନ ପୂଜା ପାଇବେ ବୋଲି ଉପଜିଲାପାଳ ସୂଚନା ଦେଇଥିଲେ। ସେପ୍ଟେମ୍ବର ୧୪ରେ ଭସାଣି ଅନୁଷ୍ଠିତ ହେବ। ଚଳିତ ବର୍ଷ ଭସାଣିରେ ୩୧ଟି ମେଢ ସାମିଲ ହେବେ। ଏଥିପାଇଁ ଲଟେରି ଉଠାଣ ହୋଇଥିଲା। କ୍ରମାନ୍ୱୟରେ ମେଢଗୁଡିକ ଶୋଭାଯାତ୍ରାରେ ଯିବେ ବୋଲି ସ୍ଥିର ହୋଇଛି। କୌଣସି ପୂଜା କମିଟିକୁ ଭସାଣି ଶୋଭାଯାତ୍ରାରେ ଡିଜେ ମାଇକ୍ ସାଉଣ୍ଡ ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସନ୍ତୋଷ କୁମାର ମିଶ୍ର ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପଣ୍ଡା ଘୋଷଣା କରିଥିଲେ। ଲୁଟେରାଙ୍କ ଗତିବିଧି ଉପରେ ଦୃଷ୍ଟି ରଖିବାକୁ ଗହଳି ସ୍ଥାନଗୁଡିକରେ ସିସିଟିଭି କ୍ୟାମେରା ଖଞ୍ଜା ଯିବ। ଭସାଣି ଦିନ ସହର ମଧ୍ୟରେ ଥିବା ସମସ୍ତ ମଦ ଦୋକାନ ବନ୍ଦ କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ତାଳଚେର ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରେ ପ୍ରଥମ ଥର ପାଇଁ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯିବ ବୋଲି ସମିତି ଅଧକ୍ଷ ବୃନ୍ଦାବନ ବେହେରା ପ୍ରକାଶ କରିଥିଲେ। ଗୋପୀନାଥପୁର ଗ୍ରାମ ନିକଟ ଏବଂ ସନ୍ଥପଡା ପୋଲ ନିକଟରେ ଦୁଇଟି କୃତ୍ରିମ ଜଳାଶୟରେ ମୂର୍ତ୍ତି ବିସର୍ଜନ ପାଇଁ ସ୍ଥିର କରାଯାଇଛି । ଚଳିତ ବର୍ଷ ଆଙ୍କାମାଳ ଓ ପାଖାପାଖି ୧୦ କୁଇଣ୍ଟାଲର ଲଡୁ ପ୍ରଦାନ ପାଇଁ ବିଧାୟକ ବ୍ରଜ କିଶୋର ପ୍ରଧାନ ସ୍ୱୀକୃତି ପ୍ରଦାନ କରିଛନ୍ତି। ସହସମ୍ପାଦକ ଡ. ରଶ୍ମୀ ରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଏବଂ କୋଷାଧକ୍ଷ ଅଶୋକ କୁମାର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ। ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ରମେଶ ଚନ୍ଦ୍ର ବେହେରା, କେନ୍ଦ୍ରୀୟ ଗଣେଶ ପୂଜା କମିଟିର ସାଧାରଣ ସମ୍ପାଦକ ଜୟନ୍ତ କୁମାର ଭୂତିଆ, ସହ ସମ୍ପାଦକ ରଞ୍ଜିତ୍ କୁମାର ମହାପାତ୍ର, ଅତିରିକ୍ତ ତହସିଲଦାର ସଚ୍ଚିଦାନନ୍ଦ ନାୟକ, ପୌରପାଳିକା ଅଧିକାରିଣୀ ଅତସି ପରିଡା ପ୍ରମୁଖ ମଞ୍ଚାସୀନ ଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ ସଂଯୋଜନା କରିଥିଲେ। କେନ୍ଦ୍ରୀୟ ଗଣେଶ ପୂଜା କମିଟିର ଉପଦେଷ୍ଟା ଦେବୀ ମିଶ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, କେଶବ ଭୂତିଆ, ତାଳଚେର ସଦର ଥାନା ଅଧିକାରୀ ସୌଭାଗ୍ୟ ଚନ୍ଦ୍ର ସ୍ୱାଇଁ, କଲିୟରୀ ଥାନା ଅଧିକାରୀ ସବ୍ୟସାଚୀ ରାଉତ, ତାଳଚେରର ସମସ୍ତ ପୂଜା କମିଟିର ସଭାପତି/ସମ୍ପାଦକ, ବିଭାଗୀୟ ଅଧିକାରୀ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ଅଗଷ୍ଟ ୨୯ /୨୦୧୯ Dhenkanal, Thursday, August 29 / 2019

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

ରାସୋଳ, ୨୮।୮(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ରାସୋଳ ଥାନା ଗଞ୍ଜରା ଗ୍ରାମର ଜଣେ ଯୁବକ ବୁଧବାର ବିଦ୍ୟୁତ୍ ଆଘାତରେ ପ୍ରାଣ ହରାଇଛନ୍ତି। ସେ ହେଲେ ଶରତ ନାୟକଙ୍କ ସାନ ପୁଅ ଅକ୍ଷୟ (୩୨)। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୩/୧୯) ରୁଜୁ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ଘରେ ଛିଣ୍ଡିଯାଇଥିବା ବିଦ୍ୟୁତ୍ ତାରକୁ ଅକ୍ଷୟ ସଂଯୋଗ କରୁଥିବାବେଳେ ବିଦ୍ୟୁତ୍ ଝଟ୍‌କା ଲାଗିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଭେଣ୍ଡିଆ ପୁଅକୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ଏହି ଘଟଣା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ଗାନ୍ଧୀ,ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଢେଙ୍କାନାଳ ଅଫିସ, ୨୮।୮:

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଦେଓଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଜାତିର ଜନକ ମହାତ୍ମା ଗାନ୍ଧୀ ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଛି। ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ପ୍ରଧାନ ଶିକ୍ଷକ ହରିହର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ସାଗରିକା ସାହୁ, ସମିତିସଭ୍ୟ ସମ୍ବିତ କୁମାର ପତି, ପରିଚାଳନା ପରିଷଦ ସଭାପତି ଗଙ୍ଗାଧର ବାରିକ, ଗୋବିନ୍ଦ ଚନ୍ଦ୍ର ପତି, ଭାଗୀରଥି ବେହେରା, ନିରଞ୍ଜନ ପ୍ରତି ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଶାନ୍ତିଲତା ଦାସ, ମମତା ଦେହୁରୀ, ନମିତାପ୍ରଭା ସାହୁ, ସଂଜ୍ଞା ସାଗରିକା ସ୍ୱାଇଁ, ସିଆର୍‌ସିସି ଜୟଦେବ ଶତପଥୀ, ପ୍ରକାଶ ସେଠୀ, ସୁରେଶ ମହାପାତ୍ର ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

### ଗ୍ରୀଲ୍ ତାଡ଼ି ସୁନା ଅଳଙ୍କାର, ଟଙ୍କା ଲୁଟ୍

ଢେଙ୍କାନାଳ ଅଫିସ, ୨୮।୮:

ଢେଙ୍କାନାଳ ସହରର ଭାଗୀରଥିବିହାର ପଛ ପାର୍ଶ୍ୱରେ ଥିବା କଇଥପୋଲିଆ ଅଞ୍ଚଳରୁ ମଙ୍ଗଳବାର ବିଳମ୍ବିତ ରାତିରେ ଡକାୟତି ହୋଇଛି। ଦୁର୍ବୃତ୍ତମାନେ ଗ୍ରୀଲ୍ ତାଡ଼ି ଲିଙ୍ଗରାଜ ଆଚାରିଙ୍କ ଭଡ଼ାଘରୁ ସୁନା ଅଳଙ୍କାର ଏବଂ ଟଙ୍କା ଲୁଟି ନେଇଛନ୍ତି। ଲିଙ୍ଗରାଜ ପରିବାର ସଦସ୍ୟଙ୍କ ସହ ଗୋଟିଏ ପ୍ରକୋଷ୍ଠରେ ଶୋଇଥିବାବେଳେ ଦୁର୍ବୃତ୍ତମାନେ ଗ୍ରୀଲ୍ ତାଡ଼ି ପଶିଥିଲେ। ସେମାନେ କୌଶଳକ୍ରମେ ବାହାରୁ କବାଟ ବନ୍ଦ କରିଦେଇଥିଲେ। ଅନ୍ୟ ରୁମ୍‌ରେ ଥିବା ଆଲ୍‌ମିରା ତାଲା ଭାଙ୍ଗି ୧୨ ଗ୍ରାମ ଓଜନର ଏକ ସୁନାହାର, ୧୦ ଗ୍ରାମର ତିନି ହଳ କାନ ଫୁଲ, ୫ ଗ୍ରାମର ୨ଟି ସୁନା ଚୁଡ଼ି, ନଗଦ ୨୫ହଜାର ଟଙ୍କା, ପକେଟ୍‌ରେ ଥିବା ୧୦ ହଜାର ଏବଂ ମନିପର୍ସରେ ଥିବା ୮ ହଜାର ଟଙ୍କା ନେଇ ପଳାଇଛନ୍ତି। ବୁଧବାର ଘଟଣା ଜଣାପଡ଼ିବା ପରେ ଲିଙ୍ଗରାଜ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛି। ଖବର ଲେଖାଯିବା ସୁଦ୍ଧା ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ନ ଥିବା ଜଣାପଡ଼ିଛି।

### ଡକାୟତି ଅଭିଯୁକ୍ତ କୋର୍ଟ ଚାଲାଣ

ପରଜଙ୍ଗ, ୨୮।୮(ଡି.ଏନ.ଏ.):

ଢେଙ୍କାନାଳ ଜିଲା ପରଜଙ୍ଗ ପୋଲିସ ବୁଧବାର ଜଣେ ଡକାୟତି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗଣ୍ଡତଇଲା ଗ୍ରାମର ପ୍ରକାଶ ନାଏକ। ସୂଚନାଯୋଗ୍ୟ, କିଛିଦିନ ତଳେ ଭାଲୁମୁଣ୍ଡା ରାସ୍ତାରେ ଜଣେ ଫାଇନାନ୍ସ କର୍ମଚାରୀଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଥିଲା। ଏହି ଘଟଣାରେ ପୂର୍ବରୁ ୫ ଜଣ ଗିରଫ ହୋଇଥିଲେ। ପ୍ରକାଶ ମାମଲାରେ ଅଭିଯୁକ୍ତ ଥାଇ ଫେରାର ଥିଲେ। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ସସ୍ମିତ ପାଲ ସଦଳବଳ ଚଢ଼ାଉ କରି ତାଙ୍କୁ ଘରୁ ଗିରଫ କରିଥିଲେ। ଅଭିଯୁକ୍ତଙ୍କ ନାମରେ ନଂ. ୧୮୯/୧୯ ଏବଂ ଦଫା ୩୯୫ ଆଇପିସିରେ ମାମଲା ରୁଜୁ ହୋଇଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି।

## କ୍ରୀଡ଼ା ଦିବସ ସ୍ୱତନ୍ତ୍ର

# କ୍ରୀଡ଼ା ପାଇଁ ସମର୍ପିତ ରାମକୃଷ୍ଣ

(ରତନ ନାୟାର)
ଢେଙ୍କାନାଳ ଅଫିସ, ୨୮।୮



ଢେଙ୍କାନାଳରୁ ସୁଦୂର ଇସ୍ତାନବୁଲ୍। ଭୁବନେଶ୍ୱରରୁ ଦିଲ୍ଲୀ। ସବୁଠି ସେ ଛାଡ଼ିଛନ୍ତି ନିଜର କ୍ରୀଡ଼ା ପ୍ରତିଭାର ପଦଚିହ୍ନ। ଫୁଟ୍‌ବଲ୍ କ୍ଷେତ୍ରରେ ପାରଦର୍ଶିତା ପାଇଁ ତାଙ୍କୁ ମିଳିଛି ଅଲ୍ ଇଣ୍ଡିଆ ଫୁଟ୍‌ବଲ ଫେଡେରେଶନର ସି-ଲାଇସେନ୍ସ ସାର୍ଟିଫିକେଟ। ଏହାକୁ ବାଦ୍ ଦେଲେ ହ୍ୟାଣ୍ଡବଲ, ଆଥ୍‌ଲେଟିକ୍ସ, ସିପକ୍ଟାକ୍ରୋ, ଫୁଟବଲ ଟେନିସ୍, ଖୋଖୋ ଭଳି ପ୍ରତିଯୋଗିତାରେ ଜାତୀୟସ୍ତରକୁ ପ୍ରତିନିଧିତ୍ୱ କରି ବଢ଼ାଇଛନ୍ତି ରାଜ୍ୟର ଗରିମା। କ୍ରୀଡ଼ା ପ୍ରତି ସମର୍ପିତ ଏପରି ଜଣେ ନିଆରା ବ୍ୟକ୍ତିତ୍ୱ ହେଲେ ରାମକୃଷ୍ଣ ବେହେରା। ଜାତୀୟ କ୍ରୀଡ଼ା ଦିବସ ଅବସରରେ ତାଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

ଢେଙ୍କାନାଳ ଜିଲାର କ୍ରୀଡ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପ୍ରତିଭାଧାରୀଙ୍କ ମଧ୍ୟରୁ ଯୁବ କ୍ରୀଡ଼ାବିତ୍ ରାମକୃଷ୍ଣ ବେହେରା ଜଣେ। ପିଲାଟି ଦିନରୁ ଖେଳକୁଦ ପ୍ରତି ଅହେତୁକ ଦୁର୍ବଳତା, ନିଷ୍ଠା ତାଙ୍କୁ ଜାତୀୟସ୍ତରରେ ପରିଚିତ କରାଇଛି। ବୃତ୍ତିଗତ ଜୀବନରେ ଜଣେ ଶାରୀରିକ ଶିକ୍ଷା ଶିକ୍ଷକ ହୋଇଥିଲେ ମଧ୍ୟ ଜିଲାକୁ କ୍ରୀଡ଼ା କ୍ଷେତ୍ରରେ ଅଗ୍ରଣୀ କରିବା ତାଙ୍କର ସ୍ୱପ୍ନ। ଏହାକୁ ସାକାର କରିବାକୁ ସେ କରିଚାଲିଛନ୍ତି ଅହରହ ଉଦ୍ୟମ ।

ସ୍ଥାନୀୟ ଗାନ୍ଧୀମନ୍ଦିର ରୋଡ୍‌ରେ ସପରିବାର ରୁହନ୍ତି କ୍ରୀଡ଼ାବିତ୍ ରାମକୃଷ୍ଣ। ବାପା ଦୟାନିଧି ବେହେରା ଅବସରପ୍ରାପ୍ତ ପୂର୍ତ୍ତ ବିଭାଗ କର୍ମଚାରୀ। ମା' ବାସନ୍ତୀ ବେହେରା ଗୃହିଣୀ। ୧୯୭୯ ଜୁଲାଇ ୮ରେ ଜନ୍ମିତ ରାମକୃଷ୍ଣଙ୍କ ଶିକ୍ଷାଗତ ଯୋଗ୍ୟତା ସ୍ନାତକ। ଏତଦ୍‌ବ୍ୟତୀତ ସେ କ୍ରୀଡ଼ା ସହ ଜଡ଼ିତ ଏକାଧିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅଲ୍ ଇଣ୍ଡିଆ ଫୁଟବଲ ଫେଡେରେଶନର ସି-ଲାଇସେନ୍ସ ସାର୍ଟିଫିକେଟ ମଧ୍ୟ ହାସଲ କରିଛନ୍ତି। ଓଡ଼ିଶୀ ନୃତ୍ୟ, ଶାସ୍ତ୍ରୀୟ ସଙ୍ଗୀତରେ ମଧ୍ୟ ତାଙ୍କର ରୁଚି ରହିଛି। ସେ ଏବେ କାମାକ୍ଷାନଗର ଉପଖଣ୍ଡ ପଞ୍ଚସଖା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶାରୀରିକ ଶିକ୍ଷା ଶିକ୍ଷକ ଭାବେ କାର୍ଯ୍ୟରତ।

'ଧରିତ୍ରୀ' ସହ ନିଜର ଅନୁଭୂତି ବାଣ୍ଟି ରାମକୃଷ୍ଣ କୁହନ୍ତି, ପିଲାଟି ଦିନରୁ ଖେଳକୁଦ ପ୍ରତି ଦୁର୍ବଳତା ଥିଲା। ଏହାକୁ ପରିବାର ଲୋକେ ବୁଝି ପାରିଥିଲେ। ମା'ବାପାଙ୍କ ଭରପୂର ସମର୍ଥନ ପାଇ ସେ ଆଗକୁ ବଢ଼ିଚାଲିଛନ୍ତି। ଫୁଟବଲ, ହ୍ୟାଣ୍ଡବଲ, ଆଥ୍‌ଲେଟିକ୍ସ, ସିପକ୍ଟାକ୍ରୋ, ଫୁଟବଲ୍ ଟେନିସ, ଖୋଖୋ ଆଦି ବିଭାଗରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ସେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିଛନ୍ତି। ଓଡ଼ିଶା ସବ୍ ଜୁନିୟର ଫୁଟବଲ୍ ବାଳକ ଦଳ (୧୫ବର୍ଷରୁ କମ୍) କୋଚ୍ ଭାବେ ତାଙ୍କୁ ମନୋନୀତ କରାଯାଇଛି। ୨୦୧୧ରେ ତୁର୍କୀର ଇସ୍ତାନବୁଲ୍‌ରେ ଆୟୋଜିତ ଅନ୍ତର୍ଜାତୀୟ ଫୁଟବଲ ଟେନିସ୍ ପ୍ରତିଯୋଗିତରେ ସେ ଭାରତୀୟ ଦଳର ଅଧିନାୟକ ରହିଥିଲେ। ଏହାକୁ ଛାଡ଼ି ସେ ବିଭିନ୍ନ ଖେଳରେ ପ୍ରଶିକ୍ଷକ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି। ଏଥିପାଇଁ ତାଙ୍କୁ କଠିନ ପରିଶ୍ରମ କରିବାକୁ ପଡୁଛି। ନିଜକୁ ଫିଟ୍ ରଖିବାକୁ ପ୍ରତିଦିନ ସକାଳୁ ଢେଙ୍କାନାଳ ଷ୍ଟାଡିୟମରେ ଅଭ୍ୟାସ କରନ୍ତି। ଏତେ ସବୁ ପ୍ରତିଭା ଥିବା ସତ୍ତ୍ୱେ ସରକାରୀ ବିଭାଗରେ ସମନ୍ୱୟର ଅଭାବରୁ ପ୍ରତିଭାବାନ ଖେଳାଳିଙ୍କୁ ପ୍ରଶିକ୍ଷଣ ଦେବା ପାଇଁ ଜିଲା ଶିକ୍ଷା ବିଭାଗ ତାଙ୍କୁ ଅନୁମତି ଦେଉନାହିଁ। ଏହାକୁ ନେଇ ତାଙ୍କ ମନରେ ରହିଯାଇଛି କ୍ଷୋଭ।

ରୋନାଲ୍‌ଡୋ, ରୋମାରିଆ, ବାଇଚୁଙ୍ଗ ଭୁଟିଆଙ୍କୁ ଆଦର୍ଶ ମାନୁଥିବା ରାମକୃଷ୍ଣ ଜିଲାରେ ଫୁଟ୍‌ବଲ୍‌ର ଭବିଷ୍ୟତ ସମ୍ପର୍କରେ କୁହନ୍ତି, ଏଠାରେ ବହୁ ପ୍ରତିଭାଧାରୀ ଅଛନ୍ତି। ସେମାନଙ୍କୁ ଆବଶ୍ୟକ ପ୍ରୋତ୍ସାହନ ମିଳୁନାହିଁ। ଭିତ୍ତିଭୂମି ମଧ୍ୟ ନାହିଁ। ଭବିଷ୍ୟତରେ ଏହି ଅଭାବକୁ ପୂରଣ କରିବାକୁ ସେ ଏକ ଏକାଡେମୀ ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଭିତ୍ତିଭୂମି ସୁଦୃଢ଼ ହେଲେ ସମସ୍ତ କ୍ରୀଡ଼ାର ବିକାଶ ହୋଇପାରିବ ବୋଲି ସେ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# 'ପଙ୍କଜିନୀଙ୍କ ସ୍ମୃତି ଜୀବନ୍ତ ହୋଇରହିବ'



ସ୍ମୃତି ତର୍ପଣ କାର୍ଯ୍ୟକ୍ରମରେ ଅତିଥିମାନେ।

ଢେଙ୍କାନାଳ ଅଫିସ, ୨୮।୮

'ହାସ୍ୟବିଦୁ୍ୟଷୀ' ପଙ୍କଜିନୀ ଦାଶ ଥିଲେ ପ୍ରତିଭାସମ୍ପନ୍ନ ମଣିଷ। ତାଙ୍କର ଲେଖନୀ ସାହିତ୍ୟର ବିଭିନ୍ନ ବିଭାଗକୁ ଛୁଇଁ ପାରିଥିଲା। ଓଡ଼ିଶାର ଜଣେ ଖ୍ୟାତିସମ୍ପନ୍ନ କବୟିତ୍ରୀ ଭାବେ ସେ ଜଣାଶୁଣା ଥିଲେ। ତାଙ୍କ ସ୍ମୃତି ସର୍ବଦା ଉତ୍ତରପିଢ଼ିଙ୍କ ପାଇଁ ଜୀବନ୍ତ ହୋଇ ରହିବ ବୋଲି କହିଛନ୍ତି ଖ୍ୟାତନାମା ସାହିତ୍ୟିକ ହୁସେନ ରବି ଗାନ୍ଧୀ। ଢେଙ୍କାନାଳ ଗୁଡ଼ିଆନାଳୀସ୍ଥିତ ପୌରସଂସ୍ଥା କଲ୍ୟାଣମଣ୍ଡପରେ ବୁଧବାର ଅପରାହ୍ନରେ ପଙ୍କଜିନୀ ଦାଶଙ୍କ ଏକାଦଶାହ ଅବସରରେ ଆୟୋଜିତ ସ୍ମୃତିତର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ବ୍ୟଙ୍ଗ ସାହିତ୍ୟିକ ମାଧବ ସ୍ୱାଇଁ କହିଲେ, ହାସ୍ୟବିଦୁ୍ୟଷୀଙ୍କ ବ୍ୟଙ୍ଗକୃତି ଓଡ଼ିଶାର ଜନମାନସରେ ପରିଚିତ ଥିଲା। ତାଙ୍କ ବିୟୋଗ ସାହିତ୍ୟ ଜଗତରେ ଅପୂରଣୀୟ କ୍ଷତି ବୋଲି ସେ ସ୍ମୃତିଚାରଣ କରି କହିଥିଲେ। ବିଶିଷ୍ଟ ବ୍ୟଙ୍ଗ କବି ଜ୍ଞାନ ହୋତା କହିଲେ, ପଙ୍କଜିନୀ ଦାଶ ତାଙ୍କ ପାଇଁ ଥିଲେ ବ୍ୟଙ୍ଗର ବର୍ଣ୍ଣବୋଧ। ସେ ସବୁବେଳେ ସ୍ମରଣୀୟ ହୋଇରହିବେ। ଏହି ଅବସରରେ କବୟିତ୍ରୀଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ସ୍ମରଣିକା 'ଅମ୍ଲାନ ସ୍ମୃତି' ଉନ୍ମୋଚନ, ସ୍ମୃତି କବିତା ପାଠ ଏବଂ ଭକ୍ତି ସଙ୍ଗୀତର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରାରମ୍ଭରେ ଅତିଥିମାନେ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

### ହାସ୍ୟବିଦୁ୍ୟଷୀଙ୍କ ସ୍ମୃତିତର୍ପଣ

ପଙ୍କଜିନୀ ଦାଶ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସନ୍ଧ୍ୟାତାରା ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ନିରଦାନନ୍ଦ ନନ୍ଦ, କବୟିତ୍ରୀ ପ୍ରଭାସିନୀ ମହାକୁଡଙ୍କ ସମେତ ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ସାଂସ୍କୃତିକ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ରହି ପଙ୍କଜିନୀଙ୍କୁ ଭାବବିହ୍ୱଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶରତ ମିଶ୍ର ଭରଦ୍ୱାଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା।

## ■ଅଜଣା ରୋଗରେ ଚାଲିଗଲା ଦୃଷ୍ଟି, ଶ୍ରବଣଶକ୍ତି

# ପ୍ରିୟବ୍ରତଙ୍କୁ ମିଳିଲା ସହାୟତା

ଢେଙ୍କାନାଳ ଅଫିସ, ୨୮।୮

■ଦେଢ଼ମାସ ହେଲା ଶଯ୍ୟାଶାୟୀ
■କାମରେ ଆସିଲା 'ହେଲ୍ପିଂ ହ୍ୟାଣ୍ଡ'
■ଚିକିତ୍ସାରେ ସମସ୍ତ ସହଯୋଗ କରାଯିବ: ଜିଲାପାଳ



ଦୁଃଖ ଆସେ ସାଙ୍ଗସାଥୀକୁ ନେଇ। ଏହାକୁ ମର୍ମେ ମର୍ମେ ଅନୁଭବ କରିଛନ୍ତି ଢେଙ୍କାନାଳର ପ୍ରିୟବ୍ରତ ସାମଲ (୨୪)। ସହରର ଏକ ଆପାର୍ଟମେଣ୍ଟରେ ସୁରକ୍ଷା କର୍ମୀ ଭାବେ କାର୍ଯ୍ୟ କରୁଥିବା ପ୍ରିୟବ୍ରତ ସୁଠାମ ଶରୀରର ଅଧିକାରୀ। ହେଲେ ଦେଢ଼ମାସ ହେଲା ସବୁକିଛି ଯେମିତି ଓଲଟପାଲଟ ହୋଇଯାଇଛି। କୌଣସି ଏକ ଅଜଣା ରୋଗରେ ଉଭୟ ଶ୍ରବଣ ଏବଂ ଦୃଷ୍ଟିଶକ୍ତି ହରାଇଛନ୍ତି ସେ। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଶଯ୍ୟାଶାୟୀ ହୋଇଯିବା ପରେ ତାଙ୍କ ଆରୋଗ୍ୟ ନେଇ ସନ୍ଦିହାନ ହୋଇପଡ଼ିଥିଲେ ବାପା। ଏପରି ଦୁର୍ଦ୍ଦିନ ସମୟରେ ପରିବାର ସଦସ୍ୟ ସବୁ ଆଶା ଛାଡ଼ି ଦେଇଥିବାବେଳେ ପ୍ରିୟବ୍ରତଙ୍କ ପାଖରେ ସାହାରା ହୋଇ ଛିଡ଼ା ହୋଇଛନ୍ତି ସାଙ୍ଗସାଥୀ। ତାଙ୍କୁ ଚିକିତ୍ସା କରାଇ ଭଲ କରିବାକୁ ସେମାନେ ଅଣ୍ଟା ଭିଡ଼ିଛନ୍ତି। ଏହାପରେ ପ୍ରିୟବ୍ରତଙ୍କ ଓଠରେ ଉକୁଟିଛି ଟେନାଏ ହସ।

ଢେଙ୍କାନାଳ ସହର ଚାନ୍ଦମାରି ଅଞ୍ଚଳରେ ରୁହନ୍ତି ପ୍ରିୟବ୍ରତଙ୍କ ପରିବାର। ବାପା ଗଗନ ସାମଲ ଏକ ଶିକ୍ଷାନୁଷ୍ଠାନ ହଷ୍ଟେଲରେ ରୋଷେୟା ଭାବେ କାର୍ଯ୍ୟ କରୁଛନ୍ତି। ମା' ମାନସିକ ରୋଗୀ। ପ୍ରିୟବ୍ରତଙ୍କ ରୋଜଗାର ଟଙ୍କାରେ ପରିବାର ଚଳେ। ସୁରକ୍ଷାକର୍ମୀ ଭାବେ କାର୍ଯ୍ୟ କରୁଥିବାରୁ ପ୍ରିୟବ୍ରତ ସବୁଦିନ ଜିମ୍ ଯାଇ ଶରୀରକୁ ଫିଟ୍ ରଖୁଥିଲେ। ଦେଢ଼ମାସ ତଳେ ତାଙ୍କୁ ହଠାତ୍ କୌଣସି ଅଜଣା ରୋଗ ମାଡ଼ିବସିଲା। ଫଳରେ ସେ ଦୃଷ୍ଟିଶକ୍ତି ଏବଂ ଶ୍ରବଣଶକ୍ତି ହରାଇ ବସିଛନ୍ତି। ଏହାପରଠୁ ସେ ଘରେ ଶଯ୍ୟାଶାୟୀ ଅବସ୍ଥାରେ ଅଛନ୍ତି। ଦୀର୍ଘଦିନ ଧରି ଜିମ୍‌କୁ ନ ଆସିବାରୁ ତାଙ୍କର ସାଙ୍ଗସାଥୀ ଚିନ୍ତାଗ୍ରସ୍ତ ହୋଇପଡ଼ିଲେ। ଖବର ନେବାରୁ ସବୁକଥା ଜଣାପଡ଼ିଲା। ଅସହାୟ ବ୍ୟକ୍ତିଙ୍କୁ ସହାୟତା କରିବାକୁ ସାଙ୍ଗସାଥୀମାନେ 'ହେଲ୍ପିଂ ହ୍ୟାଣ୍ଡ' ସଂସ୍ଥା ଗଠନ କରିଥିବାବେଳେ ଏହା ହିଁ କାମରେ ଆସିଥିଲା। ସେମାନେ ପ୍ରିୟବ୍ରତଙ୍କୁ କଟକ ବଡ଼ ମେଡ଼ିକାଲ ନେଇଯାଇଥିଲେ। ପରୀକ୍ଷା ନିରୀକ୍ଷା ପରେ ସେଠାକାର ଡାକ୍ତର ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚକ୍ଷୁ ଚିକିତ୍ସାଳୟରେ ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ହେଲେ ଏଥିରେ ଅର୍ଥ ସାଜିଲା ପ୍ରତିବନ୍ଧକ। ଏହି ସମୟରେ ସହରବାସୀଙ୍କ ସାହାଯ୍ୟ ଲୋଡ଼ାଯାଇଥିଲା। ପ୍ରିୟବ୍ରତଙ୍କ ଏପରି ଅସମୟରେ ବିଭିନ୍ନ ଆଡୁ ସହାୟତା ମିଳିଛି। ବୁଧବାର ପ୍ରିୟବ୍ରତ ନିଜ ମାମୁଙ୍କ ସହ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହାପରେ ଜିଲା ପ୍ରଶାସନ ପକ୍ଷରୁ ତାଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଛି। ଅଧିକ ଚିକିତ୍ସା ଲାଗି ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ଜିଲାପାଳ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ବିଧାୟକ ସୁଧୀର କୁମାର ସାମଲ ମଧ୍ୟ ସହାୟତା ପ୍ରଦାନ କରିଛନ୍ତି। 'ହେଲ୍ପିଂ ହ୍ୟାଣ୍ଡ' ସଦସ୍ୟ ଷ୍ଟାଲିନ ମହାନ୍ତି, ଭବସାଗର ମହାପାତ୍ର ପ୍ରମୁଖ ପ୍ରିୟବ୍ରତଙ୍କ ଚିକିତ୍ସା ଲାଗି ସହାୟତା ସଂଗ୍ରହ କରୁଥିବା କହିଛନ୍ତି।

### ଦନ୍ତା ଗୋଡ଼ାଇଲା, ଖସିପଡ଼ି ମହିଳା ଗୁରୁତର

ପରଜଙ୍ଗ, ୨୮।୮(ଡି.ଏନ.ଏ.)

ଢେଙ୍କାନାଳ ବନଖଣ୍ଡ ମହାବିରୋଡ଼ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ ଅଧୀନ ପିତିରି ଅଞ୍ଚଳରେ ଦନ୍ତା ଗୋଡ଼ାଇବାରୁ ପ୍ରାଣ ବିକଳରେ ଦୌଡୁଥିବାବେଳେ ପଡ଼ିଯାଇ ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ତେଲକୋଇ ବ୍ଲକ ରାଇସୁଆଁ ଗ୍ରାମର ବାଲିମା ତିରିଆ (୩୮)। ୧୦୮ ଆମ୍ବୁଲାନ୍ସ କର୍ମଚାରୀ ତାଙ୍କୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ବାଲିମା ପିତିରି ଅଞ୍ଚଳରେ ରହି କାମଧନ୍ଦା କରନ୍ତି। ବୁଧବାର ସେ ଗୋରୁ ଚରାଇବାକୁ ଜଙ୍ଗଲକୁ ଯାଇଥିବାବେଳେ ଦନ୍ତା ହାବୁଡ଼ରେ ପଡ଼ିଯାଇଥିଲେ। ଫରେଷ୍ଟର ରାମଚନ୍ଦ୍ର ରାଉତ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରିଛନ୍ତି। ମେଡିସିନ ବିଲ୍ ପ୍ରଦାନ କରିବା ପରେ ଆବଶ୍ୟକ ସହାୟତା ଯୋଗାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।



ସେହିପରି ମଙ୍ଗଳବାର ରାତିରେ ପରଜଙ୍ଗ ଗ୍ରାମରେ ଏକ ମାଇ ହାତୀ ପଶି ଉତ୍ପାତ ସୃଷ୍ଟି କରିଥିଲା। ଅନୁରୂପ ଭାବେ କନ୍ଦରସିଂହା ପଞ୍ଚାୟତ ବାରଘରିଆ ଗ୍ରାମରେ ଦନ୍ତା ଉପଦ୍ରବରେ ବିଶ୍ୱନାଥ ବେହେରା, ମୁନା ନାଥ, ସତ୍ୟାନନ୍ଦ ନାଥଙ୍କ ଘର ଭାଙ୍ଗି ଯାଇଛି। ବାରମ୍ବାର ଜନବସତିରେ ହାତୀପଲ ଆତଙ୍କ ସୃଷ୍ଟି କରିଚାଲିଛନ୍ତି। ହାତୀ ଘଉଡ଼ାଇବାକୁ ଯାଇ ବନ ବିଭାଗର ସମସ୍ତ ପ୍ରଚେଷ୍ଟା ଫେଲ୍ ମାରୁଛି। ଏହାକୁ ନେଇ ଉପଦ୍ରୁତ ଅଞ୍ଚଳରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।














Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ